Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ: ୧, ସଂଖ୍ୟା: ୩୪, ଭୁବନେଶ୍ୱର, ଜୁଲାଇ ୮-୧୪, ୨୦୨୪, Vol: 1, Issue: 34, Bhubaneswar, July 8-14, 2024




# ଶରଧାବାଲିରେ ତିନି ରଥ

ପୁରୀ, : ରତ୍ନବେଦି ଛାଡି ଜନ୍ମବେଦି ଅଭିମୁଖେ ଚତୁର୍ଦ୍ଧାମୂର୍ତ୍ତି । ଆଜି ରଥଟଣାର ଦ୍ୱିତୀୟ ଦିବସରେ ଅପରାହ୍ନ ୩ଟାସୁଦ୍ଧା ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶରଧାବାଲିରେ ପହଂଚିଛି । ଘୋଷଯାତ୍ରା ପାଇଁ ବଡଦାଣ୍ଡ ଭକ୍ତିମୟ ହୋଇ ଉଠିଛି । ପାଗ ଅନୁକୂଳ ଥିବାରୁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଘଂଟ ଘଂଟା, ହୁଳହୁଳି, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ କମ୍ପି ଉଠୁଛି । ରଥାରୁଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରୁଛନ୍ତି ଭକ୍ତ । ନବଦିନ ବ୍ୟାପୀ ଯାତ୍ରାର ଦ୍ୱିତୀୟ ଦିବସରେ ଆଜି ସକାଳେ ରଥ ଉପରେ ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ମଙ୍ଗଳ ଆଳତୀ ଅନୁଷ୍ଠିତ ହୋଇଥିଲା । ଏହାପରେ ଅନ୍ୟାନ୍ୟ ନୀତିକାନ୍ତି ଉଠାରୁ ରଥଟଣା ପୁଣି ଆରମ୍ଭ



ହୋଇଥିଲା । ଦୁଇ ଦିନିଆ ଏହି ରଥଟଣାର ଗତକାଲି ପ୍ରଥମ ଦିବସରେ ସଂନ୍ଧ୍ୟା ସୁଦ୍ଧା ସିଂହଦ୍ୱାର ଠାରୁ ମାତ୍ର ଅଳ୍ପ ଦୂର ଯାଇ ଅଟକିଥିଲା ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ । ସେହିପରି ଶ୍ରୀକୃଷ୍ଣ ସିନେମା ହଲ୍ ପାଖରେ ଅଟକି ଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ । ଏବଂ ମରିଚିକୋଟ ଛକରେ ଅଟକି ରହିଥିଲା ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ । ଆଜି ତିନି ରଥ ଶରଧାବାଲିରେ ପହଂଚିଥିଲା । ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ । ଏହାପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶରଧାବାଲିରେ ପହଂଚିଛି । ପରେ ରଥ ଉପରେ ଶ୍ରୀଜୀଉଙ୍କ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଛି । ଆସନ୍ତାକାଲି ରଥାରୁଢ଼ ଶ୍ରୀବିଗ୍ରହମାନଙ୍କ ସଂନ୍ଧ୍ୟାଧୂପ ନୀତି ସମ୍ପନ୍ନ ହେବା ପରେ ଆଡ଼ପ ମଣ୍ଡପ ପହଣ୍ଡି ହେବ । ଗୋଟି ପହଣ୍ଡିରେ ଶ୍ରୀଜୀଉମାନେ ଜନ୍ମବେଦିକୁ ବିଜେ କରିବେ । ଏହାପରେ ଆଡ଼ପ ଦର୍ଶନ ଆରମ୍ଭ ହେବ । ଆଜି ତିନି ରଥକୁ ପୋଲିସ କର୍ଡ଼ନରେ ରଖାଯାଇଛି । ରଥଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ୧୮୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ଏହା ଉପରେ ନଜର ରଖାଯାଇଛି । ଟ୍ରାଫିକ୍ ର ସୁପରିଚାଳନା ପାଇଁ ୨୧ଟି ସ୍ଥାନରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି । ସହରର ବିଭିନ୍ନ ସ୍ଥାନରେ ୬୧ଟି ସିସିଟିଭି ଲଗାଯାଇଛି । ଶ୍ରୀଗୁଣ୍ଡିଚା ମନ୍ଦିର ଭିତର, ବାହାର, ବଡ଼ଦାଣ୍ଡ ଓ ସମୁଦ୍ର କୂଳରେ ସୁରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି ।

# ଏ ବର୍ଷ ରାଜ୍ୟରେ ଲାଗିବ ୫ କୋଟି ଗଛ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଏ ବର୍ଷ ରାଜ୍ୟରେ ମୋଟ ୫ କୋଟି ଗଛ ଲଗାଇବା ପାଇଁ ଟାର୍ଗେଟ କରିଛି ବନ ବିଭାଗ। ଶିକ୍ଷାନୁଷ୍ଠାନ, ଘରୋଇ ଅନୁଷ୍ଠାନ, ଛାତ୍ରଛାତ୍ରୀ ଭଳି ସମସ୍ତଙ୍କୁ ବଣ୍ଟାଯିବ ଚାରା। ସମସ୍ତେ ଅତି କମ୍ ରେ ଗୋଟିଏ ଗଛ ଲଗାଇବାକୁ ଅନୁରୋଧ କରାଯାଇଛି। ବୃକ୍ଷରୋପଣରେ ଓଡ଼ିଶା ହେବ ନମ୍ବର ଏକ। ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଆହୁରି କହିଛନ୍ତି, ପୂର୍ବରୁ ୧୮ମାସର ଚାରା ଲଗା ଯାଉଥିବା ବେଳେ ଏ ବର୍ଷ ୩୦ ମାସିଆ ଚାରା ଦିଆଯିବ। ଗଛ ଲଗାଇବା ପରେ ଯେଉଁ ଫଳିଥିନ ବାହାରିବ ତାକୁ ବି ବାୟ ବ୍ୟାକ କରିବେ ଓଡ଼ିଶା ସରକାର। ସେହିପରି ଜଙ୍ଗଲ ବିଭାଗ କେବଳ ୧୯ ଲକ୍ଷ ତାଳ ଗଛ ଲଗାଇବ। ତାଳ ଗଛ ହାତୀକୁ ଖାଦ୍ୟ ଦେବା ସହିତ ଓ ବଜ୍ରପାତରୁ ରକ୍ଷା ମିଳିବ। ଜଙ୍ଗଲ ଓ କୃଷି ବିଭାଗ ମିଶି



ଏହି କାମ କରିବେ। ରେକର୍ଡ କରିଛି ଓଡ଼ିଶା। 'ଏକ ପେଡ ମା କେ ନାମ' ହ୍ୟାଚ ଟ୍ୟାଗରେ ସାରା ଦେଶରେ ସବୁଠୁ ଅଧିକ ଗଛ ଲଗାଇବା ଫଟୋ ଅପଲୋଡ୍ ହୋଇଛି ଓଡ଼ିଶାରୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୱେବ ସାଇଟରୁ ଏ ତଥ୍ୟ ମିଳିଥିବା କହିଛନ୍ତି ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସତ୍ୟବ୍ରତ ସାହୁ। ଏ ପର୍ଯ୍ୟନ୍ତ ୧ ଲକ୍ଷ ୪୫ ହଜାର ଗଛ ଲଗାଯାଇ ଫଟୋ ଅପଲୋଡ୍ ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଏଥିପାଇଁ ଲୋକଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଜି ଭୁମତ୍ରୁମା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ୭୫ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ସେହିପରି ଜଙ୍ଗଲ ସୁରକ୍ଷାରେ ସବୁଠାରୁ ଭଲ କାମ କରିଥିବା ଜଙ୍ଗଲ ସୁରକ୍ଷା ସମିତିକୁ ବିଜୁ ପଟ୍ଟନାୟକ ପୁରସ୍କାର ସହ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା।

## ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ସରକାରଙ୍କୁ ଘେରିଲା ବିଜେଡି

# କଡ଼ା ଜବାବ ଦେଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର, : ଲଜ୍ଜାହୀନ ୨୪ ବର୍ଷର ସରକାର, ରତ୍ନଭଣ୍ଡାର ଖୋଲି ପାରିଲେନି। ଗଣତି ମଣତି କରିପାରିଲେନି। ଆଜି ତାରିଖରେ ସେମାନେ କହିବେ କାହିଁକି କମିଟି ଭାଙ୍ଗିଗଲା, ଏହାଠୁ ଦୁର୍ଭାଗ୍ୟପୂର୍ଣ୍ଣ କଥା ଆଉ କିଛି ହୋଇନପାରେ। ବିଧାୟକ ପ୍ରମିଳା ମଲ୍ଲିକଙ୍କ ଟିପ୍ପଣୀରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ ଆହୁରି କହିଛନ୍ତି, ଏକଥା ସ୍ପଷ୍ଟ ଯେ ସରକାର ୨୦/ ୨୫ ଦିନ ହେବ ହେଇଛି। ରତ୍ନ ଭଣ୍ଡାର ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ନୂଆ କମିଟି ଗଠନ ହୋଇଛି। ଭଣ୍ଡାର କେବେ ଖୋଲାଯିବ, ଆସନ୍ତାକାଲି କମିଟି ନିଷ୍ପତ୍ତି ନେବ। ରତ୍ନଭଣ୍ଡାର ଯଥା ସମୟରେ ଖୋଲାଯିବ ଗଣତିମଣତି କରାଯିବ। ପ୍ରତିଟି ଅର୍ଟିକିଲର ଡିଜିଟାଲ ଫଟୋ କପି କରାଯିବ। ସବୁକୁ ପ୍ରିଜର୍ଭ କରାଯିବ। ୫୦ ବର୍ଷ ପର୍ଯ୍ୟନ୍ତ ରେଫରାଲ୍ ଡକ୍ୟୁମେଣ୍ଟ ଭଳି



ତାକୁ ବ୍ୟବହାର କରାଯିବ। ଉଭଟ କଥାରୁ ବିକ୍ଷୁ ଜନତା ଦଳ ନିବୃତ ରହୁ। ସୂଚନାଯୋଗ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ମନ୍ଦ ଉଦ୍ଦେଶ୍ୟ ରଖି ରତ୍ନଭଣ୍ଡାର କମିଟି ଭଙ୍ଗା ଯାଇଛି। ଅରିଜିତ ପଶାୟତଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ହଟାଇ ଦିଆଗଲା। ସେମାନେ କେତେବେଳେ କଣ କହୁଛନ୍ତି, ତାଙ୍କର କଣ ଉଦ୍ଦେଶ୍ୟ ଓଡ଼ିଶାବାସୀ ଜାଣିଛନ୍ତି।

# Van Mahotsav: Celebrating The Green Canopy Of India



Nihar Ranjan Acharya

Van Mahotsav, or the "Festival of Trees" orthe annual tree-planting festival, holds a special place in the hearts of millions of Indians. Celebrated during the first week of July, Van Mahotsav is a call to action, urging everyone to contribute towards a greener, more sustainable future. Established in 1950 by K.M. Munshi, the then Union Minister for Agriculture and Food, Van Mahotsav aims to create mass awareness about the importance of trees and forests in maintaining ecological balance and enhancing the quality of life.

The Importance of Van Mahotsav

Van Mahotsav serves as a reminder of the vital role forests play in our environment and our lives. The festival's key objectives include:

1. Encouraging Afforestation: By promoting tree planting, Van Mahotsav helps in increasing green cover and restoring degraded ecosystems.
2. Raising Awareness: The festival educates the public about the critical role trees play in mitigating climate change, preserving biodiversity, and maintaining ecological balance.
3. Community Involvement: It fosters community participation in environmental conservation efforts, bringing people together to work towards a common goal.

This Year's Theme: "Planting for Prosperity"

The theme for Van Mahotsav 2024, "Planting for Prosperity", underscores the multifaceted benefits of tree planting. It highlights how afforestation can lead to economic, environment, and social prosperity.

Economic Prosperity

Tree contribute significantly to economic growth in several ways:

1. Resource Provision: Forests provide timber, fuel, fodder, and non-timber forest products, supporting local economies and industries.
2. Employment Opportunities: Afforestation and forest management activities create jobs in rural areas, contributing to poverty alleviation and sustainable development.
3. Eco-tourism: Forests and green spaces attract tourists, promoting eco-tourism and generating revenue for local communities.




Environmental Prosperity

Trees and forests are crucial for maintaining environmental health:

1. Carbon Sequestration:Trees absorb carbon dioxide, reducing the concentration of greenhouse gases in the atmosphere and combating climate change.
2. Soil Conservation: Tree roots bind the soil, preventing erosion and maintaining soil fertility.
3. Water Cycle Regulation: Trees play a vital role in the water cycle, enhancing groundwater recharge and maintaining river flows.

Social Prosperity

Trees also contribute to social well-being:

1. Improving Air Quality: Trees act as natural air filters, absorbing pollutants and providing cleaner air.
2. Enhancing Mental Health: Green spaces offer a serene environment, reducing stress and improving mental health.
3. Fostering Community Spirit: Tree planting activities bring communities together, fostering a sense of responsibility and collective action towards environmental conservation.

Activities and Initiatives

During Van Mahotsav, various activities are organized across the country to promote tree planting and environmental awareness:

1. Mass Tree Planting Drives: Schools, colleges, government bodies, and NGOs conduct tree planting drives, encouraging people to plant saplings in their localities.
2. Awareness Campaigns: Educational institutions and organizations hold seminars, workshops, and exhibitions to educate the public about the importance of trees and forests.
3. Competitions and Contests: Competitions such as essay writing, poster making, and photography are organized to engage people, especially the youth, in environmental conservation efforts.
4. Adoption Programs: Initiatives like "Adopt a Tree", "Brukshya Bandhan", and"Plant today for a better tomorrow" encourage individuals and communities to take responsibility for nurturing and protecting trees.

Technological Innovations

To enhance the effectiveness of Van Mahotsav, technological innovations are being integrated into tree planting and monitoring efforts:

1. Geo-tagging: Geo-tagging saplings allows for the tracking of tree growth and survival rates, ensuring better management and accountability.
2. Drone Planting: Drones are used to plant seeds in inaccessible areas, increasing the reach and efficiency of afforestation efforts.
3. Mobile Applications: Apps are developed to facilitate participation, provide information on tree care, and track individual contributions to afforestation.

Conclusion

Van Mahotsav is more than just a festival, it is a movement towards a greener, healthier, and more prosperous future. This year's theme, "Planting for Prosperity", encapsulates the holistic benefits of tree planting, from economic growth and environmental sustainability to social well-being.

As we celebrate Van Mahotsav, let us pledge to plant more trees, protect our forests, and work collectively towards preserving our planet. By integrating traditional knowledge with modern technology, we can ensure that our efforts are effective and sustainable, paving the way for a greener tomorrow.

# Vedanta Aluminium's Vidyagraha e-learning initiative completes two successful years of operations



Jharsuguda: Vedanta Aluminium, India's largest producer of aluminium,recently celebrated the successful completion of two years of its e-learning initiative, Vidyagraha, which seeks to boost access to quality education among students in rural Odisha. To mark the occasion, the company felicitated 17 headmasters of schools participating in the project who had achieved a 100% passing rate in their final exams as well as 10th board exams, recognizing their exemplary contributions to the project's success.Building on the progress achieved under the initiative, Vedanta Aluminium has now announced the launch of Phase 3 of Vidyagraha, which will reach out to several additional schools in Jharsuguda district.The celebrations were graced by Mr. Prabeer Kumar Naik, Project Director of the District Rural Development Agency, Mr. Radhakanta Gartia, District Education Officer of Jharsuguda, and Mr. Sushanta Kumar Ghuta, Assistant District Education Officer.Since its commencement in 2022, the Vidyagraha initiative has benefited over 1,000 students living in the remote areas of Jharsuguda. Implemented in collaboration with the Sarthak Sustainable Development Foundation, this initiative leverages technological solutions to bridge gaps in rural access to quality education. This is achieved through recorded lectures and online career counselling for students from classes 8th to 10th. The program provides students with access to digital learning resources via a web-based platform. Providing additional support to the students, employee volunteers from Vedanta Aluminium regularly record lectures and conduct in-person doubt-clearance sessions for students in all participating schools and villages.The program also ensures that students' performance is regularly mapped and tracked through the web-based portal, identifying areas ofimprovement and subsequent action.As part of Phase 3, the program will also be accessible to students via school computers, ensuring broader access to educational resources and will cover all 106 schools in Jharsuguda district. Currently, Vidyagraha has been successfully implemented in government schools across Shiripura, Badmal, Siriapali, Purna, and Kurebaga in the district.

# ରଥ ଚକା ଦବିଯିବାରୁ ଯାତ୍ରାରେ ବିଳମ୍ବ



କେନ୍ଦ୍ରାପଡ଼ା, : ଶ୍ରୀ ଗୁଣ୍ଡିଚାର ଦ୍ୱିତୀୟ ଦିନରେ ରଥ ଟଣା ହୋଇ ମାଉସୀ ମା ଚକଡ଼ାରେ ଲାଗିବା କଥା । ମାତ୍ର ଚଳିତ ବର୍ଷ ପୁଣି ଅଘଟଣ ଘଟି ରଥ ବାମ ମୋଡ ନେଇ ଶ୍ରୀ ବଳଦେବଜୀଉ ଙ୍କ ଏଣ୍ଡାଓମେଣ୍ଟ ଅଫିସ ଆଗରେ ଅଟକି ରହିଛି । ଫଳରେ ରଥ ଟାଣିବା ପାଇଁ ଓ ଯାତ୍ରା ଦେଖିବା ପାଇଁ ଅସିଥିବା ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତ ନିରାଶ ହୋଇଛନ୍ତି । ହାଇଡ୍ରୋଲିକ ଜଗ ଲଗାଇ ରଥକୁ ଟେକି ଚକକୁ ଟ୍ରାକରେ ପକାଇବା ପାଇଁ ଉଦ୍ୟମ କରାଯାଇ ଥିଲେ ମଧ୍ୟ ସଫଳ ହୋଇପାରି ନାହିଁ । ତେବେ ରାତି ସୁଦ୍ଧା ରଥ ର ବାମ ମୋଡ କୁ ସୁଧାରି ଯାଇ ମାଉସୀ ମା ଅଭିମୁଖେ କରାଯିବାର ବ୍ୟବସ୍ଥା କରାଯାଉଛି । ଓ ଆସନ୍ତାକାଲି ସକାଳ ୧୧ଟା ସମୟରେ ରଥଟଣା ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତକାଲି ପରମ୍ପରା ଭଙ୍ଗାଯାଇ ରଥଟଣା ଯାଇ ନଥିଲା । ଜୀଉ ମାନଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରାଇବା ସମୟ ବେଳକୁ ଓ ଚାରମାଳ ଖୋଲିବା ଓ ଘୋଡା ଯୋଚାଯିବା ବେଳକୁ ସଂନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ ରହିଥିଲା । ତେବେ ଆଜି ଦିନ ୧ ରେ ରଥଟଣା ଆରମ୍ଭ ହେବାକୁ ଥିବାବେଳେ ଜାଣିଶୁଣି ବିଳମ୍ବ କରାଯାଇ ଦିନ ୩ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ମନ୍ଦିର ପ୍ରଶାସନ ପ୍ରତି ବର୍ଷ ରଥ ଚଳାଉ ଥିବା ଅଭିଜ୍ଞ ଡାହୁକ ଙ୍କ ବଦଳରେ ଜଣେ ଅନଭିଜ୍ଞ ଡାହୁକଙ୍କୁ ରଥ ଚଳାଇବା ଦାୟିତ୍ୱ ଦେଇ ଥିବାରୁ ରଥ ବାମ ମୋଡ ନେଇ ଶ୍ରୀ ବଳଦେବଜୀଉ ଙ୍କ ଏଣ୍ଡାଓମେଣ୍ଟ ଅଫିସ ଆଗରେ ଅଟକି ରହିଛି । ଫଳରେ ୩ ବର୍ଷ ତଳେ ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା ସେହିଭଳି ରଥ ଚାଲିବାର ଅନିଶ୍ଚିତତା ଦେଖା ଦେଇଛି । ତେବେ ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ସେବାୟତ ମାନଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା ବହୁ ଶ୍ରଦ୍ଧାଳୁ ମତ ଦେଇଛନ୍ତି । ତେବେ କେତେକଣ ସେବାୟତ ଶ୍ରୀ ଜୀଉଙ୍କ ରଥଯାତ୍ରା ରେ ଜାଣିଶୁଣି ବିଶୃଙ୍ଖଳା କରୁଥିବା ସ୍ଥାନୀୟ ଅଂଚଳର ବହୁ ଲୋକେ ଆଲୋଚନା କରୁଛନ୍ତି । ଗତବର୍ଷ ରଥଯାତ୍ରା ରେ ଏହିଭଳି ବିଶୃଙ୍ଖଳା ସୃଷ୍ଟି କରିଥିବା ସେବାୟତମାନଙ୍କୁ ଚିହ୍ନଟ କରାଯାଇ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ସେହି ବିଶୃଙ୍ଖଳାକାରୀ ମାନେ ଅଧିକ ଉତ୍ସାହିତ ହୋଇ ଚଳିତ ବର୍ଷ ମଧ୍ୟ ବିଶୃଙ୍ଖଳା ସୃଷ୍ଟିକରି ବିଳମ୍ବରେ ପହଣ୍ଡି କରାଇବା କାର୍ଯ୍ୟ କରିବାରୁ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁ ମାନସିକ ଆଘାତ ପାଇବା ସହ ଜିଲ୍ଲା ପ୍ରଶାସନ ର ନିଷ୍କ୍ରିୟତା ପ୍ରତି ଅବଜ୍ଞା ପ୍ରକାଶ କରା ଯାଇଥିବା ଆଲୋଚନା ହେଉଛି । ତେବେ ଆଜିର ରଥଯାତ୍ରା ପରିଚାଳନା ପାଇଁ ରଥଦାଣ୍ଡ ରେ ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ତଥା ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ତହସିଲଦାର ତାପସ ରଂଜନ ଦେହୁରୀ, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ ଥାନା ଅଧିକାରୀ ଦିଲିପ ସାହୁ, ଏଣ୍ଡାଓମେଣ୍ଟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ମଧ୍ୟ ନିରୂପାୟ ହୋଇ ଦେଖୁଥିଲେ । ଅନୁକୂଳ ପାଗ ସାଙ୍ଗକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ରଥଯାତ୍ରା କୁ ସୁରୁଖୁରୁ ରେ ସଂପନ୍ନ କରିବା ପାଇଁ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ କେତେକ ସେବାୟତଙ୍କ ବିଶୃଙ୍ଖଳା ସମସ୍ତ ଆଶାକୁ ଭୁଶୁଡ଼ି କରି ଦେଉଛି ।

## ରାଜ୍ୟ ସ୍ୱାର୍ଥ ପାଇଁ ଲଢେଇ ଜାରି ରହିବ

# ଲୋକଙ୍କ ସ୍ୱର ସରକାରଙ୍କ ପାଖରେ ପହଞ୍ଚିବ: ବିଜେଡି



ଭୁବନେଶ୍ୱର : ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରବିବାର ଦଳର ରୂପରେଖକୁ ପରିବର୍ତ୍ତନ କରିଛନ୍ତି । ରାଜ୍ୟ ପଦାଧିକାରୀ କମିଟିକୁ ଭାଙ୍ଗିବା ସହ ନିଜର ରାଜନୈତିକ ସଚିବ, ଲୋକ ସମ୍ପର୍କ ଅଧିକାରୀ, ଦଳର ମୁଖପାତ୍ର, ଜାତୀୟ ମୁଖପାତ୍ରର ନୂଆ ଟିମ୍ ? ଘୋଷଣା କରିଛନ୍ତି । ଏ ନେଇ ସୋମବାର ଶଙ୍ଖଭବନରେ ବିଜେଡି ଏକ ଖବରଦାତା ସମ୍ମିଳନୀ କରିଛି । ଏଥିରେ ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର କହିଛନ୍ତି, ବିଜେଡି ବିଭିନ୍ନ ସମୟରେ ନୂଆ ରୂପ ଓ ନୂଆ ଲୋକଙ୍କ ସହ ଆଗକୁ ବଢ଼େ । ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ହୁଏ । ରବିବାର ମଧ୍ୟ ହୋଇଛି । ଆଗକୁ ନବୀନ ପଟ୍ଟନାୟକଙ୍କ ରାଜନୈତିକ କାର୍ଯ୍ୟକ୍ରମ ଓ ଦଳକୁ ଆଗକୁ ନେବା ପାଇଁ ବିରୋଧୀ ଦଳ ଭାବେ କ'ଣ ନୂଆ ଆଭିମୁଖ୍ୟ ରହିବ । ଯାହା ନବୀନ ବାବୁଙ୍କ ନିର୍ଦ୍ଦେଶ ରହିବ ସେ ଅନୁଯାୟୀ କାମ କରିବେ । ସମୟ ସମୟରେ ଭୂମିକା ବଦଳି ପାରେବୋଲି ରାଜନୈତିକ ସଚିବ ମିଶ୍ର କହିଛନ୍ତି ।ପବିତ୍ର ଦିନ ଘୋଷଯାତ୍ରା ଦିନ ମିଡ଼ିଆ ପରିଚାଳନା ଦାୟିତ୍ୱ ଦେଇଛନ୍ତି । ମିଡ଼ିଆ ସେଲ ଗଠନ ହୋଇଛି । ବିଗତ ଦିନରେ ମଧ୍ୟ ମିଡ଼ିଆ ସେଲ ଭଲ ଭାବେ କାମ କରିଛି । ମିଡ଼ିଆ ସେଲ ଜରିଆରେ ଦଳକୁ ଆହୁରି କ୍ରିୟାଶୀଳ କରିବାରେ ଉଦ୍ୟମ ରହିବ । ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼ିବୁ । ଲୋକଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବୁ । ରାଜ୍ୟ ସ୍ୱାର୍ଥ ପାଇଁ ଲଢେଇ ଜାରି ରହିବ । ନୂଆ ସେଟ କମିଟି ଖୁବ ଶୀଘ୍ର ନବୀନ ପଟ୍ଟନାୟକ ଘୋଷଣା କରିବେ ବୋଲି ବରିଷ୍ଠ ରାଜ୍ୟ ମୁଖ୍ୟ ମିଡିଆ ସଂଯୋଜକ ପ୍ରତାପ ଜେନା କହିଛନ୍ତି ।ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମସ୍ତେ ଭଲ ପାଆନ୍ତି । ଆଗାମୀ ଦିନରେ ଚେଷ୍ଟା କରିବୁ ଭଲ ଭାବେ କାମ କରିବୁ । ଭଲ କାମକୁ ତର୍ଜମା କରିବୁ । ଆପଣଙ୍କ ସହଯୋଗ ଜାରି ରହିବ ଆମ ଆଶା ବୋଲି ବିଜେଡ଼ି ମିଡ଼ିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି ।

# ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, : ସାରା ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ଏହି ବେଆଇନ ଜବର ଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ଜମି ଗୁଡ଼ିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣ କାର୍ଯ୍ୟ ନିମନ୍ତେ ବ୍ୟବହାର ହୁଏ । ଜବର ଦଖଲ ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି । ତେଣୁ ଏସବୁ ବେଆଇନ ଦଖଲ ତୁରନ୍ତ ହଟାଯିବା ଆବଶ୍ୟକ । ପ୍ରଚଳିତ ନିୟମ ଅନୁଯାୟୀ ଜବର ଦଖଲ ହଟିବା ପରେ ଏହାକୁ ବାଡ଼ ବସାଇ ଓ ଏଥିରେ ସମସ୍ତଙ୍କ ଦୃଷ୍ଟି ଗୋଚର ହେବା ଭଳି ସାଇନ୍ ବୋର୍ଡ ଲଗାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆ ଯାଇଛି ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

Editor: Gyana Ranjan Mishra | ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର